**Signature and Name of Invigilator**

1. (Signature) ____________________

   (Name) ____________________

2. (Signature) ____________________

   (Name) ____________________

**OMR Sheet No. :** ..............................................
(To be filled by the Candidate)

**Roll No.** | | | | | | | | |
(In figures as per admission card)

**Roll No.** ____________________
(In words)

**N 0 2 3 1 7**

# PAPER - III
# ODIA

**Time : 2½ hours]** **[Maximum Marks : 150**

Number of Pages in this Booklet : **16** Number of Questions in this Booklet : **75**

## Instructions for the Candidates

1. Write your roll number in the space provided on the top of this page.
2. This paper consists of seventy five multiple-choice type of questions.
3. At the commencement of examination, the question booklet will be given to you. In the first 5 minutes, you are requested to open the booklet and compulsorily examine it as below :
   (i) To have access to the Question Booklet, tear off the paper seal on the edge of this cover page. Do not accept a booklet without sticker-seal and do not accept an open booklet.
   (ii) **Tally the number of pages and number of questions in the booklet with the information printed on the cover page. Faulty booklets due to pages/questions missing or duplicate or not in serial order or any other discrepancy should be got replaced immediately by a correct booklet from the invigilator within the period of 5 minutes. Afterwards, neither the Question Booklet will be replaced nor any extra time will be given.**
   (iii) After this verification is over, the Test Booklet Number should be entered on the OMR Sheet and the OMR Sheet Number should be entered on this Test Booklet.
4. Each item has four alternative responses marked (1), (2), (3) and (4). You have to darken the circle as indicated below on the correct response against each item.
   **Example :** ① ② ● ④ where (3) is the correct response.
5. Your responses to the items are to be indicated in the **OMR Sheet given inside the Booklet only.** If you mark your response at any place other than in the circle in the OMR Sheet, it will not be evaluated.
6. Read instructions given inside carefully.
7. Rough Work is to be done in the end of this booklet.
8. If you write your Name, Roll Number, Phone Number or put any mark on any part of the OMR Sheet, except for the space allotted for the relevant entries, which may disclose your identity, or use abusive language or employ any other unfair means, such as change of response by scratching or using white fluid, you will render yourself liable to disqualification.
9. You have to return the original OMR Sheet to the invigilators at the end of the examination compulsorily and must not carry it with you outside the Examination Hall. You are however, allowed to carry original question booklet and duplicate copy of OMR Sheet on conclusion of examination.
10. **Use only Blue/Black Ball point pen.**
11. **Use of any calculator or log table etc., is prohibited.**
12. **There are no negative marks for incorrect answers.**

## परीक्षार्थियों के लिए निर्देश

1. इस पृष्ठ के ऊपर नियत स्थान पर अपना रोल नम्बर लिखिए।
2. इस प्रश्न-पत्र में पचहत्तर बहुविकल्पीय प्रश्न हैं।
3. परीक्षा प्रारम्भ होने पर, प्रश्न-पुस्तिका आपको दे दी जायेगी। पहले पाँच मिनट आपको प्रश्न-पुस्तिका खोलने तथा उसकी निम्नलिखित जाँच के लिए दिये जायेंगे, जिसकी जाँच आपको अवश्य करनी है :
   (i) प्रश्न-पुस्तिका खोलने के लिए पुस्तिका पर लगी कागज की सील को फाड़ लें। खुली हुई या बिना स्टीकर-सील की पुस्तिका स्वीकार न करें।
   (ii) **कवर पृष्ठ पर छपे निर्देशानुसार प्रश्न-पुस्तिका के पृष्ठ तथा प्रश्नों की संख्या को अच्छी तरह चैक कर लें कि ये पूरे हैं। दोषपूर्ण पुस्तिका जिनमें पृष्ठ/प्रश्न कम हों या दुबारा आ गये हों या सीरियल में न हों अर्थात् किसी भी प्रकार की त्रुटिपूर्ण पुस्तिका स्वीकार न करें तथा उसी समय उसे लौटाकर उसके स्थान पर दूसरी सही प्रश्न-पुस्तिका ले लें। इसके लिए आपको पाँच मिनट दिये जायेंगे। उसके बाद न तो आपकी प्रश्न-पुस्तिका वापस ली जायेगी और न ही आपको अतिरिक्त समय दिया जायेगा।**
   (iii) इस जाँच के बाद प्रश्न-पुस्तिका का नंबर OMR पत्रक पर अंकित करें और OMR पत्रक का नंबर इस प्रश्न-पुस्तिका पर अंकित कर दें।
4. प्रत्येक प्रश्न के लिए चार उत्तर विकल्प (1), (2), (3) तथा (4) दिये गये हैं। आपको सही उत्तर के वृत्त को पेन से भरकर काला करना है जैसा कि नीचे दिखाया गया है।
   **उदाहरण :** ① ② ● ④ जबकि (3) सही उत्तर है।
5. प्रश्नों के उत्तर **केवल प्रश्न पुस्तिका के अन्दर दिये गये OMR पत्रक पर ही** अंकित करने हैं। यदि आप OMR पत्रक पर दिये गये वृत्त के अलावा किसी अन्य स्थान पर उत्तर चिह्नांकित करते हैं, तो उसका मूल्यांकन नहीं होगा।
6. अन्दर दिये गये निर्देशों को ध्यानपूर्वक पढ़ें।
7. कच्चा काम (Rough Work) इस पुस्तिका के अन्तिम पृष्ठ पर करें।
8. यदि आप OMR पत्रक पर नियत स्थान के अलावा अपना नाम, रोल नम्बर, फोन नम्बर या कोई भी ऐसा चिह्न जिससे आपकी पहचान हो सके, अंकित करते हैं अथवा अभद्र भाषा का प्रयोग करते हैं, या कोई अन्य अनुचित साधन का प्रयोग करते हैं, जैसे कि अंकित किये गये उत्तर को मिटाना या सफेद स्याही से बदलना तो परीक्षा के लिये अयोग्य घोषित किये जा सकते हैं।
9. आपको परीक्षा समाप्त होने पर मूल OMR पत्रक निरीक्षक महोदय को लौटाना आवश्यक है और परीक्षा समाप्ति के बाद उसे अपने साथ परीक्षा भवन से बाहर न लेकर जायें। हालांकि आप परीक्षा समाप्ति पर मूल प्रश्न-पुस्तिका तथा OMR पत्रक की डुप्लीकेट प्रति अपने साथ ले जा सकते हैं।
10. **केवल नीले/काले बाल प्वाईंट पेन का ही प्रयोग करें।**
11. **किसी भी प्रकार का संगणक (कैलकुलेटर) या लाग टेबल आदि का प्रयोग वर्जित है।**
12. **गलत उत्तरों के लिए कोई नकारात्मक अंक नहीं हैं।**

# ODIA

## ଓଡ଼ିଆ

## PAPER - III

## ପ୍ରଶ୍ନପତ୍ର - III

**Note :** This paper contains **seventy five (75)** objective type questions of **two (2)** marks each. **All** questions are **compulsory**.

**ନିର୍ଦ୍ଦେଶ :** ଏହି ପତ୍ରରେ ପଞ୍ଚସ୍ତରୀ **(75)** ଟି ବିବିଧ ପସନ୍ଦ ଭିତ୍ତିକ ପ୍ରଶ୍ନ ରହିଛି । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦୁଇ **(2)** । ସମସ୍ତ ପ୍ରଶ୍ନର ଉତ୍ତର ଦେବା ବାଧ୍ୟତାମୂଳକ ।

**1.** ନିମ୍ନସ୍ଥ କେଉଁଟି ବ୍ରତକଥାର ଲକ୍ଷଣ ନୁହେଁ ?

(1) ଲୌକିକ ଦେବଦେବୀଙ୍କ ଉପାସନା
(2) ଲୌକିକ ଇଚ୍ଛାପୂର୍ତ୍ତି
(3) ସତ୍ୟପୀରଙ୍କ ଜନ୍ମବୃତ୍ତାନ୍ତ
(4) ଏକକ ଦେବ-ଦେବୀଙ୍କ ମହିମା ପ୍ରଖ୍ୟାପନ

**2.** 'Folk-lore'- ଏ ଶବ୍ଦଟି ପ୍ରଥମେ କିଏ ପ୍ରୟୋଗ କରିଥିଲେ ?

(1) ଏଣ୍ଟି ଆର୍ଣେ
(2) ଉଇଲିଅମ୍ ଜେ.ଥୋମସ
(3) ଅକସେଲ୍ ଓଲରିକ୍
(4) ଆଲାନ ଡାଣ୍ଡିଜ

**3.** କେଉଁ ବିଶିଷ୍ଟ ସମାଲୋଚକ 'The Folktale' ଗ୍ରନ୍ଥର ରଚୟିତା ?

(1) ଲରି ହଙ୍କୋ
(2) ଆଲାନ ଡାଣ୍ଡିଜ୍
(3) ରିଚାର୍ଡ ଏମ.ଡରସନ୍
(4) ଷ୍ଟିଥ୍ ଥମ୍ପସନ୍

**4.** ଭ୍ଲାଦିମିର ପ୍ରପ୍‌ଙ୍କ ରୂପତାତ୍ତ୍ୱିକ ଅଧ୍ୟୟନ ପଦ୍ଧତି ଲୋକସାହିତ୍ୟର କେଉଁ ଧାରାକୁ ଭିତ୍ତି କରିଛି ?

(1) ଲୋକବାଣୀ (2) ଲୋକଗୀତ (3) ଲୋକନାଟକ (4) ଲୋକକାହାଣୀ

**5.** ଓଡ଼ିଶାର କେଉଁ ଅଞ୍ଚଳରେ 'ଲେଡିଜ୍ ଡ' ପ୍ରଦର୍ଶିତ ହୁଏ ?

(1) ପଶ୍ଚିମ ଓଡ଼ିଶା (2) କେନ୍ଦ୍ର ଓଡ଼ିଶା (3) ଉତ୍ତର ଓଡ଼ିଶା (4) ଦକ୍ଷିଣ ଓଡ଼ିଶା

**6.** 'ଥେରବାଦ' କେଉଁ ଧର୍ମର ଏକ ଶାଖା ?

(1) ଜୈନ ଧର୍ମ (2) ବୌଦ୍ଧ ଧର୍ମ (3) ଶାକ୍ତ ଧର୍ମ (4) ବ୍ରାହ୍ମ ଧର୍ମ

**7.** ଶ୍ରୀଜଗନ୍ନାଥ ମନ୍ଦିର ମଧ୍ୟରେ କେଉଁ ସଂପ୍ରଦାୟ ଲକ୍ଷ୍ମୀଙ୍କ ଉପାସନା ଆରମ୍ଭ କରିଥିଲେ ?

(1) ନିମ୍ବାର୍କ ସଂପ୍ରଦାୟ (2) ବୀରଶୈବ ସଂପ୍ରଦାୟ (3) ଶ୍ରୀ ସଂପ୍ରଦାୟ (4) ବଳତାଓ୍ୱସ ସଂପ୍ରଦାୟ

8. ତପସୁ ଓ ଭଲ୍ଲିକ୍ କେଉଁ ଧର୍ମ ଗ୍ରହଣ କରିଥିଲେ?

(1) ବୌଦ୍ଧ (2) ଜୈନ (3) ଶୈବ (4) ଶାକ୍ତ

9. ବୈଷ୍ଣବ ଲୀଳାମୃତରେ କାହାର ପ୍ରସଙ୍ଗ ବର୍ଣ୍ଣିତ ?

(1) ରାମାନୁଜ (2) ଜୟଦେବ (3) ନାନକ (4) ଶ୍ରୀଚୈତନ୍ୟ

10. ମାରିଆ ସାସୁ ନଣନ୍ଦ ଘରେ ଶାଳୀ
ମାଆ ମାରିଆ କାହ୍ନୁ ଭଇଲ କବାଳୀ - ଉଦ୍ଧୃତ ପଦଟିରେ 'ମାଆ' କାହାକୁ ବୁଝାଏ?

(1) ସିସୁମ୍ନା (2) ନୈରାମଣି (3) ମାୟା (4) ଚତୁଷଠୀ ପାଖୁଡ଼ିର ପଦ୍ମ

11. 'ଅଭ୍ୟନ୍ତର' ଶବ୍ଦଟି ନିମ୍ନୋକ୍ତ କେଉଁ କାରଣ ହେତୁ 'ଭିତର' ଶବ୍ଦରେ ରୂପାନ୍ତରିତ ହୋଇଛି?

(1) ବଳାଘାତ (2) ଶ୍ରୁତିଧ୍ୱନି (3) ତାଲବ୍ୟୀ ଭବନ (4) ସଘୋଷୀ ଭବନ

12. 'ପିଠା' ର ମୂଳ ଶବ୍ଦ ରୂପ କଣ ?

(1) ପିଷ୍ଟୋଦକ (2) ପିଷ୍ଟକ (3) ପିଟ୍ ଠା (4) ପିଠ୍ ଠା

13. 'ଉତ୍କଳ କମଳା ବିଳାସ ଦୀର୍ଘିକା' - ଏହି ପାଦରେ କେତେଥର ପାର୍ଶ୍ୱିକ ଧ୍ୱନି ବ୍ୟବହୃତ ?

(1) ଥରେ (2) ଦୁଇଥର (3) ଚାରିଥର (4) ତିନିଥର

14. 'ଓଡ଼ିଆ ଭାଷା-ସୁରକ୍ଷା ଆନ୍ଦୋଳନ' ଗ୍ରନ୍ଥଟିର ରଚୟିତା କିଏ ?

(1) ଗଗନେନ୍ଦ୍ର ନାଥ ଦାଶ (2) ବଂଶୀଧର ମହାନ୍ତି

(3) ନଟବର ସାମନ୍ତରାୟ (4) ନୀଳକଣ୍ଠ ଦାସ

15. 'ଅଗାଡ଼ି' ଶବ୍ଦ କେଉଁ ଭାଷାରୁ ଆଗତ?

(1) ସଉରା (2) ତେଲୁଗୁ (3) ପର୍ତ୍ତୁଗୀଜ୍ (4) ତାମିଲ୍

16. ଉପମାନ ଓ ଉପମେୟର ଅଭେଦ କଥନରେ କେଉଁ ଅଳଙ୍କାର ହୁଏ ?

(1) ଅପହ୍ନୁତି (2) ଉତ୍ପ୍ରେକ୍ଷା (3) ରୂପକ (4) ଦୃଷ୍ଟାନ୍ତ

17. ସେ ମୋ ପଛରେ 'ଜୋକ ପରି ଲାଗି ରହିଛି'- ଉଦ୍ଧୃତ ରୂଢ଼ିଟି କେଉଁ ଶ୍ରେଣୀୟ?

(1) ଉପମାଯୁକ୍ତ ରୂଢ଼ି (2) କ୍ରିୟାହୀନ ରୂଢ଼ି (3) କ୍ରିୟାଯୁକ୍ତ ରୂଢ଼ି (4) ମିଶ୍ର ରୂଢ଼ି

18. "କହି ଜାଣିଲେ କଥା ସୁନ୍ଦର ବାନ୍ଧି ଜାଣିଲେ ମଥା ସୁନ୍ଦର "- ପଦଟିରେ କେଉଁ ସାହିତ୍ୟ ତତ୍ତ୍ୱ ନିହିତ ?

(1) ଭବିଷ୍ୟବାଦ (2) ପ୍ରକୃତି ବାଦ (3) ସମାଜ ତତ୍ତ୍ୱ (4) ନନ୍ଦନ ତତ୍ତ୍ୱ

19. ବାକ୍ୟର ଉପଯୁକ୍ତ ଅର୍ଥ ତାତ୍ପର୍ଯ୍ୟ ଅବବୋଧ ନିମନ୍ତେ କେଉଁ ତିନି ଉପାଦାନ ଅପରିହାର୍ଯ୍ୟ ?

(1) ଅଭିଧା, ଲକ୍ଷଣା, ବ୍ୟଞ୍ଜନା (2) ଆକାଂକ୍ଷା, ଯୋଗ୍ୟତା, ଆସତ୍ତି

(3) ଶବ୍ଦ, ଅର୍ଥ, କ୍ରିୟା (4) କର୍ତ୍ତା, କର୍ମ, ବିଶେଷଣ

20. କାବ୍ୟର ଶୋଭା ବିଧାୟକ ଧର୍ମକୁ କ'ଣ କୁହାଯାଏ ?

(1) ରୀତି (2) ଗୁଣ (3) ଅଳଙ୍କାର (4) ଚାତୁର୍ଯ୍ୟୋକ୍ତି

21. ଶବ୍ଦ ଓ ଅର୍ଥର ଚମତ୍କାରିତା ଦ୍ୱାରା ଅଳଙ୍କାର ରସର –

(1) ପରିପୁଷ୍ଟି ସାଧନ କରେ ନାହିଁ (2) ସ୍ଥଳ ବିଶେଷରେ ପରିପୁଷ୍ଟି ସାଧନ କରେ

(3) ପରିପୁଷ୍ଟି ସାଧନ କରିଥାଏ (4) ରସ ଦୋଷ ଘଟାଏ

22. ସ୍ଥାୟୀ ଭାବକୁ ଯିଏ ଉଦବୋଧିତ କରେ ତାହାକୁ କେଉଁ ନାମରେ ଚିହ୍ନିତ କରାଯାଇଛି ?

(1) ବିଭାବ (2) ସଂଚାରୀଭାବ (3) ବ୍ୟଭିଚାରୀ ଭାବ (4) ଅନୁଭାବ

23. 'ଉତ୍ପତ୍ତିବାଦ' ର ପ୍ରବର୍ତ୍ତକ କିଏ ?

(1) ଭାମହ (2) ଆଚାର୍ଯ୍ୟ ଦଣ୍ଡୀ (3) ଭରତ ମୁନି (4) ଭଟ୍ଟଲୋଲ୍ଲଟ

24. 'ସମାସ' କୁ ରୀତିର ମୂଳତତ୍ତ୍ୱ ରୂପେ କିଏ ଗ୍ରହଣ କରିଥିଲେ ?

(1) ଜଗନ୍ନାଥ (2) ରୁଦ୍ରଟ (3) ଭରତ (4) ମମ୍ମଟ ଭଟ୍ଟ

25. ଫର୍ଡିନାଣ୍ଡ୍ ଦ ସସ୍ୟୁରଙ୍କ ଭାଷା-ଚିନ୍ତା କେଉଁ ବିଶେଷ ସମାଲୋଚନା ପଦ୍ଧତିର ଭିତ୍ତି ସ୍ଥାପକ ?

(1) ସଂରଚନାବାଦ (2) ଉତ୍ତର ଉପନିବେଶବାଦ

(3) ବିଗଠନବାଦ (4) ଉତ୍ତର ଆଧୁନିକତାବାଦ

26. 'କ୍ଲୋଜରିଡିଙ୍ଗ୍'- ନିମ୍ନଲିଖିତ କେଉଁ ସମାଲୋଚନା ପଦ୍ଧତିରେ ପ୍ରଯୁକ୍ତ ହୁଏ ?

(1) ନାରୀବାଦୀ ଅଧ୍ୟୟନ
(2) ଭାଷାତାତ୍ତ୍ୱିକ ଅଧ୍ୟୟନ
(3) ପ୍ରାୟୋଗିକ ସମାଲୋଚନା
(4) ଉତ୍ତର ଉପନିବେଶବାଦୀ ଅଧ୍ୟୟନ

27. 'ଅଫ୍ ଗ୍ରାମାଟୋଲଜି' ପୁସ୍ତକର ରଚୟିତା କିଏ?

(1) ଭ୍ଲିଦିମିର ପ୍ରପ୍
(2) ଜିମ ପାଓ୍ୱେଲ
(3) ରୋଲାଁବାଥ୍
(4) ଜାକ୍ ଦେରିଦା

28. ସିଗନିଫାୟର ଓ ସିଗନିଫାଏଡ୍ ପରି ଶବ୍ଦ ଦ୍ୱୟ କେଉଁ ଆଧୁନିକ ସମାଲୋଚନା ପଦ୍ଧତିରେ ବ୍ୟବହୃତ ?

(1) ସଂରଚନାବାଦ
(2) ବିଗଠନବାଦ
(3) ପାଠକ-ପ୍ରତିକ୍ରିୟା ତତ୍ତ୍ୱ
(4) ଉତ୍ତର ଆଧୁନିକତାବାଦ

29. 'ମଣିଷ ସବୁକିଛିର କେନ୍ଦ୍ର'- ଏ ଧାରଣା ନିମ୍ନ କେଉଁଥିରେ ଦେଖାଦେଇଥିଲା ?

(1) ପରିବେଶମୂଳକ ସମାଲୋଚନା
(2) ୟୁରୋପୀୟ ନବଜାଗରଣ
(3) ଉତ୍ତର ଆଧୁନିକତାବାଦ
(4) ଭାରତୀୟ ନବଜାଗରଣ

30. କେଉଁ ଗ୍ରନ୍ଥରେ ବ୍ରହ୍ମଜ୍ଞାନକୁ ପ୍ରଥମେ ସଂସ୍କୃତ ଶ୍ଲୋକ, ପରେ ଓଡ଼ିଆ ପଦ୍ୟ ଓ ଗଦ୍ୟରେ ବୁଝାଇ ଦିଆଯାଇଛି?

(1) ବ୍ରହ୍ମାଣ୍ଡ ଭୂଗୋଳ
(2) ତୁଳାଭିଣା
(3) ପ୍ରେମଭକ୍ତି ବ୍ରହ୍ମଗୀତା
(4) ଗୁରୁଭକ୍ତି ଗୀତା

31. ରୁଦ୍ରସୁଧାନିଧି ବାଲ୍ୟକାଳରେ କେତୋଟି ଗୀତା ପାଠ କରିଥିଲେ?

(1) ବାଇଶ
(2) ଏଗାର
(3) ପାଞ୍ଚ
(4) ଏକ

32. 'ଗୁଣ୍ଡିଚା ବିଜେ' ର ରଚୟିତା କିଏ ?

(1) ସାଲବେଗ
(2) ବ୍ରଜନାଥ ବଡ଼ଜେନା
(3) ବିପ୍ର ହରିଦାସ
(4) ସୁଲକ୍ଷଣା ପଟ୍ଟନାୟକ

33. "ସଲିଳ ଅନଳ ପ୍ରାୟେକ ହୋଇଲା
ଅନଳ ହୋଇଲା ସଲିଳ"- ଏହି ଉକ୍ତିଟିର ରଚୟିତା କିଏ?

(1) ବିଶ୍ୱନାଥ ଖୁଣ୍ଟିଆ
(2) ବଳରାମ ଦାସ
(3) ବିଶ୍ୱନାଥ କବିରାଜ
(4) ବ୍ରଜନାଥ ବଡ଼ଜେନା

34. ମଧ୍ୟଯୁଗୀୟ ଖଣ୍ଡ କବିତା 'ପୋଇ' ର ମୂଳ ଶବ୍ଦ କ'ଣ ?

(1) ପଦ
(2) ପାଦ
(3) ପଦୀ
(4) ପଦ୍ୟ

35. ‘ଗୀତଗୋବିନ୍ଦ’ କାବ୍ୟର ସର୍ବପ୍ରଥମ ଟୀକାର ନାମ କ’ଣ ?

(1) ଆର୍ଯ୍ୟା ସପ୍ତଶତୀ (2) ଭାବ ପ୍ରଭାବିନୀ (3) ଏକାବଳୀ (4) କାବ୍ୟ ପ୍ରକାଶ ଦୀପିକା

36. ଧନଞ୍ଜୟ ଭଞ୍ଜ କେଉଁ କାବ୍ୟ ରଚନା କରିଥିଲେ ?

(1) କଳାବତୀ (2) ଚାଟ ଇଚ୍ଛାବତୀ (3) କଞ୍ଚଲତା (4) ଇଚ୍ଛାବତୀ

37. ସଗୁଣ ନିର୍ଗୁଣଟି ସେହି,

ତା ବିନା ଅନ୍ୟ ଗତି ନାହିଁ କେହି। - ଭାଗବତର ଏହି ପଦରେ କିଏ ‘ସଗୁଣ ନିର୍ଗୁଣ’ ?

(1) ବ୍ରହ୍ମା (2) ବରୁଣ (3) ବାସବ (4) ବ୍ରହ୍ମ

38. ଶ୍ୱେତାଙ୍ଗ ଚଢେଇ ଗୁହା ସମୁଦଗତ,

ନୀର ଭେଦି କିବା ଉଠେ ଐରାବତ। - ଏହା କେଉଁ କାବ୍ୟର ଏକ ଅଂଶ ବିଶେଷ ?

(1) ଅଂଶୁପା (2) ଚିଲିକା (3) ଖଣ୍ଡାଧାର (4) ମହାନଦୀ

39. ସଚ୍ଚିଦାନନ୍ଦ ରାଉତରାୟଙ୍କର ‘ହେ ବନ୍ଧୁ ବିଦାୟ’ କବିତାଟି କେଉଁ ଶ୍ରେଣୀୟ କବିତା ?

(1) ସମ୍ବୋଧ ଗୀତିକା (2) ସାମ୍ୟବାଦୀ କବିତା (3) ଗାଥା କବିତା (4) ବସ୍ତୁନିଷ୍ଠ କବିତା

40. ଗୁରୁପ୍ରସାଦ ମହାନ୍ତିଙ୍କର ‘ଚମ୍ପାଫୁଲ’, ରମାକାନ୍ତ ରଥଙ୍କର ‘ଚନ୍ଦ୍ରମାର ଚୂଡ଼ି’ ଓ ସୀତାକାନ୍ତ ମହାପାତ୍ରଙ୍କର ‘ଖରାବେଳ’ କବିତା ତ୍ରୟରେ ଥିବା ସମାନ ଧର୍ମଟି କ’ଣ ?

(1) ପଲ୍ଲୀଚେତନା (2) ସାଙ୍ଗୀତିକତା (3) ପ୍ରତୀକାତ୍ମକତା (4) ଅନୁଷଙ୍ଗ ପ୍ରଦାନ

41. “ତୁମେ ଦେଖିଅଛ ଶିଳାରେ ତାର ତ ରମ୍ୟ କଳାର ରୂପ

ମୁଁ ଦେଖୁଛି ତହିଁ କୋଟି କଙ୍କାଳ ଭଗ୍ନ ବୁକୁର ସ୍ତୂପ”। – ଉଦ୍ଧୃତ ପଦ୍ୟାଂଶରେ କେଉଁ ଚେତନା ରୂପାୟିତ ?

(1) ରୋମାଣ୍ଟିକତା (2) ବାସ୍ତବବାଦ (3) ପ୍ରକୃତିବାଦ (4) ନେତିବାଦ

42. କାହ୍ନୁଚରଣଙ୍କର କେଉଁ ଉପନ୍ୟାସରେ ଶ୍ମଶାନର ଆତ୍ମାମାନେ କାହାଣୀ କହୁଛନ୍ତି ?

(1) ହା ଅନ୍ନ (2) ବନଗହନର ତଳେ (3) ସତ୍ୟବତୀ (4) ଶର୍ବରୀ

43. କେଉଁଟି ସୁରେନ୍ଦ୍ର ମହାନ୍ତିଙ୍କର ରଚନା ନୁହେଁ ?

(1) ବାପୁ (2) କଲେଜ୍ ବୟ (3) ଅନଳ ନଳ (4) ସହସ୍ର ଶଯ୍ୟାର ନାୟିକା

44. ‘ମାଗୁଣିର ଶଗଡ଼’ ଗଳ୍ପର ରଚୟିତା କିଏ ?

(1) ଗୋଦାବରୀଶ ମିଶ୍ର (2) ଗୋଦାବରୀଶ ମହାପାତ୍ର

(3) ଗୋପୀନାଥ ମହାନ୍ତି (4) ଦୟାନିଧି ମିଶ୍ର

45. ସମୁଦାୟ ରଙ୍ଗମଞ୍ଚକୁ କେତେଭାଗରେ ବିଭକ୍ତ କରାଯାଇଥାଏ ?

(1) ତିନିଭାଗ (2) ଦୁଇଭାଗ (3) ଚାରିଭାଗ (4) ପାଞ୍ଚଭାଗ

46. ନାଟ୍ୟଶାସ୍ତ୍ରରେ ତ୍ରିଭୁଜାକୃତି ମଞ୍ଚକୁ କେଉଁ ନାମରେ ଉଲ୍ଲେଖ କରାଯାଇଛି ?

(1) ବିତସ୍ର (2) ତ୍ର୍ୟସ୍ର (3) ଚତୁରସ୍ର (4) ବୃତ୍ତାକୃତି

47. ଶାରଦା ପ୍ରସନ୍ନ ନାୟକଙ୍କ ‘ସୁନାମାଟି’ ରେ କେଉଁ ଚେତନା ପ୍ରତିଫଳିତ ?

(1) ମାର୍କସବାଦୀ ଚେତନା (2) ସମାଜତାନ୍ତ୍ରିକ ବାସ୍ତବବାଦୀ ଚେତନା

(3) ଉପନିବେଶବାଦୀ ଚେତନା (4) ଗାନ୍ଧିବାଦୀ ଚେତନା

48. “ଉତ୍କଳେ ନାଟକ ଗନ୍ଧ ନଥିଲା ପୂର୍ବରେ
ରଚିଲ ନାଟକ ଏକ ତୁମ୍ଭେ ପ୍ରଥମରେ”- ନାଟ୍ୟକାର ରଘୁନାଥ ପରିଚ୍ଛାଙ୍କ ସମ୍ପର୍କରେ ଉକ୍ତ ପଦଟି କିଏ କହିଛନ୍ତି ?

(1) ଫକୀରମୋହନ (2) ରାଧାନାଥ ରାୟ (3) ଅପନ୍ନା ପଣ୍ଡା (4) ଗଙ୍ଗାଧର ମେହେର

49. ଓଡ଼ିଆ ସାହିତ୍ୟର ପ୍ରଥମ ଇତିହାସ ପୁସ୍ତକର ରଚୟିତା କିଏ ?

(1) ତାରିଣୀ ଚରଣ ରଥ (2) ପଣ୍ଡିତ ବିନାୟକ ମିଶ୍ର

(3) ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ (4) ମାୟାଧର ମାନସିଂହ

50. ‘ଛ ମାଣ ଆଠଗୁଣ୍ଠ’ ପତ୍ରିକାରେ ଧାରାବାହିକ ଭାବେ ପ୍ରକାଶ ପାଇବା ବେଳେ ସେହି ପତ୍ରିକାର ସଂପାଦକ କିଏ ଥିଲେ ?

(1) ମହାନନ୍ଦ କର (2) ସୁପ୍ରଭା କର (3) ବିଶ୍ୱନାଥ କର (4) ଗୌରୀଶଙ୍କର ରାୟ

51. ‘Exploration in Orissa’ ଗ୍ରନ୍ଥଟିର ଲେଖକ କିଏ ?

(1) ମନମୋହନ ଚକ୍ରବର୍ତ୍ତୀ (2) ବିଜୟଚନ୍ଦ୍ର ମଜୁମଦାର

(3) ସୁନୀତି କୁମାର ଚାଟାର୍ଜୀ (4) ରମାପ୍ରସାଦ ଚନ୍ଦ

52. 'ବର୍ଣ୍ଣବୋଧକ' ପୁସ୍ତକର ରଚୟିତା କିଏ ?

(1) ମଧୁସୂଦନ ରାଓ (2) ଗୋବିନ୍ଦ ରଥ

(3) ଗୋବିନ୍ଦ ପଟ୍ଟନାୟକ (4) ଲକ୍ଷ୍ମୀନାରାୟଣ ସାହୁ

53. 'ଦିଗପହଣ୍ଡିର ଡ୍ରଇଁ ମାଷ୍ଟର', 'ସମୁଦ୍ର କୂଳରେ ଏକ ଗାଁ', 'ମନେପଡ଼େ'- ଏହିସବୁ ପୁସ୍ତକ କେଉଁ ଶ୍ରେଣୀୟ ରଚନା?

(1) ଜୀବନ ସ୍ମୃତି (2) ଭ୍ରମଣ କାହାଣୀ (3) ଉପନ୍ୟାସ (4) ଚରିତୋପନ୍ୟାସ

54. 'ଦକ୍ଷିଣାଞ୍ଚଳୀୟ ଓଡ଼ିଆ' ପୁସ୍ତକଟିର ରଚୟିତା କିଏ?

(1) ଗୋଲୋକ ବିହାରୀ ଧଳ (2) ବିଜୟ ପ୍ରସାଦ ମହାପାତ୍ର

(3) ଗୋପୀନାଥ ନନ୍ଦଶର୍ମା (4) ଖଗେଶ୍ୱର ମହାପାତ୍ର

55. ଭାରତୀୟ ମାସ ଗଣନା ଅନୁଯାୟୀ ନିମ୍ନ ଅନୁଷ୍ଠାନ/ପର୍ବଗୁଡ଼ିକ ପାଳନର ଉପଯୁକ୍ତ କ୍ରମ ନିର୍ଦ୍ଧାରଣ କର ।

(a) ଅକ୍ଷୟ ତୃତୀୟା

(b) ଜନ୍ମାଷ୍ଟମୀ

(c) ଦଶହରା

(d) ଦୋଳପୂର୍ଣ୍ଣିମା

**ସୂତ୍ର (code) :**

(1) (b), (d), (c), (a) (2) (b), (c), (d), (a)

(3) (a), (b), (c), (d) (4) (a), (c), (b), (d)

56. ନିମ୍ନୋଲ୍ଲେଖ କବିମାନଙ୍କୁ କାଳାନୁକ୍ରମେ ସଜାଇ ଲେଖିଲେ କେଉଁଟି ଠିକ୍ ହେବ?

(a) ଧନଞ୍ଜୟ ଭଞ୍ଜ

(b) ବନମାଳୀ ଦାସ

(c) ଯଶୋବନ୍ତ ଦାସ

(d) ବତ୍ସା ଦାସ

**ସୂତ୍ର (code) :**

(1) (d), (c), (b), (a) (2) (d), (c), (a), (b)

(3) (c), (a), (d), (b) (4) (a), (c), (d), (b)

57. ନିମ୍ନ ନାୟିକା ମାନଙ୍କୁ ଉପଯୁକ୍ତ କ୍ରମରେ ସଜାଇ ଲେଖ ।

(a) ଇନ୍ଦୁପ୍ରଭା

(b) ଲଛମା

(c) ସାରିଆ

(d) ଚିତ୍ରକଳା

**ସୂତ୍ର (code) :**

(1) (c), (b), (d), (a)
(2) (b), (c), (a), (d)
(3) (c), (d), (a), (b)
(4) (b), (d), (c), (a)

58. କୁନ୍ତଳାକୁମାରୀଙ୍କର ନିମ୍ନ ରଚନାଗୁଡ଼ିକୁ କାଳାନୁକ୍ରମେ ସଜାଇଲେ କେଉଁଟି ଠିକ୍ ହେବ ?

(a) ସ୍ଫୁଲିଙ୍ଗ

(b) ଉଚ୍ଛ୍ୱାସ

(c) ଅଞ୍ଜଳି

(d) ଆହ୍ୱାନ

**ସୂତ୍ର (code) :**

(1) (d), (a), (b), (c)
(2) (b), (c), (d), (a)
(3) (c), (b), (d), (a)
(4) (c), (b), (a), (d)

59. ନିମ୍ନ ପତ୍ରିକାଗୁଡ଼ିକର ପ୍ରକାଶକାଳ ଅନୁଯାୟୀ ଉପଯୁକ୍ତ କ୍ରମ ନିର୍ଦ୍ଦେଶ କର ।

(a) ନବଭାରତ

(b) ଆଧୁନିକ

(c) ସହକାର

(d) ଚତୁରଙ୍ଗ

**ସୂତ୍ର (code) :**

(1) (b), (d), (a), (c)
(2) (c), (b), (a), (d)
(3) (c), (a), (b), (d)
(4) (d), (a), (c), (b)

60. ନିମ୍ନ ସ୍ରଷ୍ଟାମାନଙ୍କର ଜନ୍ମକାଳ କ୍ରମ ଅନୁସାରେ ସଜାଇ ଲେଖିଲେ କେଉଁଟି ଠିକ୍ ?

(a) କୁନ୍ତଳାକୁମାରୀ ସାବତ

(b) ମାୟାଧର ମାନସିଂହ

(c) ନୀଳକଣ୍ଠ ଦାସ

(d) ଗୋପୀନାଥ ମହାନ୍ତି

**ସୂତ୍ର (code) :**

(1) (a), (c), (d), (b)
(2) (c), (a), (b), (d)
(3) (c), (b), (a), (d)
(4) (b), (c), (d), (a)

61. **'କ'** ସ୍ତମ୍ଭ ସହିତ **'ଖ'** ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| (a) କାଳ ଓ କଳା | (i) ଗିରିଜାଶଙ୍କର ରାୟ |
| (b) ଓଡ଼ିଶାର ନାଟ୍ୟକଳା | (ii) ନଟବର ସାମନ୍ତରାୟ |
| (c) ଜୀବନ ସାହିତ୍ୟ ଓ କଳା | (iii) ଚିନ୍ତାମଣି ବେହେରା |
| (d) କାବ୍ୟ ଓ କଳାକାର | (iv) ବାମାଚରଣ ମିତ୍ର |

**ସୂତ୍ର (code) :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iv) | (ii) | (i) | (iii) |
| (2) | (ii) | (iii) | (i) | (iv) |
| (3) | (ii) | (i) | (iii) | (iv) |
| (4) | (ii) | (i) | (iv) | (iii) |

62. **'କ'** ସ୍ତମ୍ଭ ସହିତ **'ଖ'** ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| (a) ଗୋଲୋକ ବିହାରୀ ଧଳ | (i) ମା |
| (b) ଶ୍ରୀନିବାସ ଉଦଗାତା | (ii) ଗୋଦାନ |
| (c) ପ୍ରଭାସଚନ୍ଦ୍ର ଶତପଥୀ | (iii) ଚିତ୍ରଲେଖା |
| (d) ଅନନ୍ତ ପଟ୍ଟନାୟକ | (iv) ପାପ ଓ ପ୍ରାୟଶ୍ଚିତ୍ତ |

**ସୂତ୍ର (code) :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (ii) | (iii) | (iv) | (i) |
| (2) | (ii) | (iii) | (i) | (iv) |
| (3) | (ii) | (i) | (iii) | (iv) |
| (4) | (i) | (iii) | (ii) | (iv) |

63. **'କ'** ସ୍ତମ୍ଭ ସହିତ **'ଖ'** ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** | |
|---|---|---|---|
| (a) | ମନପବନ | (i) | ବୀରକିଶୋର ଦାସ |
| (b) | ମୋ ଦେଶ | (ii) | ରାମ ପ୍ରସାଦ ମହାନ୍ତି |
| (c) | ସଂସାର | (iii) | ମହେଶ୍ୱର ମହାନ୍ତି |
| (d) | ମୀନାବଜାର | (iv) | ରାମକୃଷ୍ଣ ନନ୍ଦ |

**ସୂତ୍ର (code) :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (ii) | (iii) | (iv) | (i) |
| (2) | (iii) | (i) | (iv) | (ii) |
| (3) | (iii) | (i) | (ii) | (iv) |
| (4) | (iii) | (ii) | (iv) | (i) |

64. **'କ'** ସ୍ତମ୍ଭ ସହିତ **'ଖ'** ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** | |
|---|---|---|---|
| (a) | ଓଡ଼ିଶା ଇତିହାସ | (i) | କେଦାରନାଥ ମହାପାତ୍ର |
| (b) | ଖୁରୁଧା ଇତିହାସ | (ii) | ବଂଶୀଧର ମହାନ୍ତି |
| (c) | ଓଡ଼ିଆ ସାହିତ୍ୟର ଇତିହାସ | (iii) | ନବୀନ କୁମାର ସାହୁ |
| (d) | ଓଡ଼ିଆ ଜାତିର ଇତିହାସ | (iv) | ହରେକୃଷ୍ଣ ମହତାବ |

**ସୂତ୍ର (code) :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (ii) | (iii) | (iv) | (i) |
| (2) | (iv) | (iii) | (ii) | (i) |
| (3) | (iv) | (i) | (ii) | (iii) |
| (4) | (iv) | (i) | (iii) | (ii) |

65. ‘**କ**’ ସ୍ତମ୍ଭ ସହିତ ‘**ଖ**’ ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| **‘କ’ ସ୍ତମ୍ଭ** | | **‘ଖ’ ସ୍ତମ୍ଭ** | |
|---|---|---|---|
| (a) | ଆଗାମୀ | (i) | ବିଜୟ ମିଶ୍ର |
| (b) | ଭରସା | (ii) | ମନୋରଞ୍ଜନ ଦାସ |
| (c) | ଶବବାହକମାନେ | (iii) | ଅଶ୍ୱିନୀ କୁମାର ଘୋଷ |
| (d) | କଳାପାହାଡ଼ | (iv) | ଗୋପାଳ ଛୋଟରାୟ |

**ସୂତ୍ର (code) :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (iii) | (i) | (ii) | (iv) |
| (2) | (iii) | (i) | (iv) | (ii) |
| (3) | (iv) | (i) | (ii) | (iii) |
| (4) | (ii) | (iv) | (i) | (iii) |

66. ‘**କ**’ ସ୍ତମ୍ଭ ସହିତ ‘**ଖ**’ ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| **‘କ’ ସ୍ତମ୍ଭ** | | **‘ଖ’ ସ୍ତମ୍ଭ** | |
|---|---|---|---|
| (a) | କହଇ ମନ ଆରେ ମୋ ବୋଲ କର | (i) | ସାରିଆଭିକ |
| (b) | ଥକାମନ ଚାଲଯିବା | (ii) | କବିସୂର୍ଯ୍ୟ ବଳଦେବ |
| (c) | ବାଧିଲା ଜାଣି କ୍ଷମା | (iii) | ସାଲବେଗ |
| (d) | କେଣେ ଘେନିଯାଉଛ ଜଗନ୍ନାଥଙ୍କୁ | (iv) | ଭକ୍ତଚରଣ |

**ସୂତ୍ର (code) :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (ii) | (iii) | (i) | (iv) |
| (2) | (i) | (iv) | (ii) | (iii) |
| (3) | (iv) | (i) | (iii) | (ii) |
| (4) | (iv) | (i) | (ii) | (iii) |

67. **‘କ’** ସ୍ତମ୍ଭ ସହିତ **‘ଖ’** ସ୍ତମ୍ଭର ଉପଯୁକ୍ତ ସମ୍ପର୍କ ନିରୂପଣ କର ।

| **‘କ’ ସ୍ତମ୍ଭ** | | **‘ଖ’ ସ୍ତମ୍ଭ** | |
|---|---|---|---|
| (a) | କଳ୍ପନାର ଅଭିଷେକ | (i) | ନିତ୍ୟାନନ୍ଦ ଶତପଥୀ |
| (b) | ନିସର୍ଗ ନୀରାଜନା | (ii) | ପ୍ରତିଭା ଶତପଥୀ |
| (c) | ସବୁଜରୁ ସାଂପ୍ରତିକ | (iii) | ଚିନ୍ତାମଣି ବେହେରା |
| (d) | କାବ୍ୟ ଓ କଳାକାର | (iv) | ବସନ୍ତ କୁମାର ପଣ୍ଡା |

**ସୂତ୍ର (code) :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (ii) | (iv) | (i) | (iii) |
| (2) | (ii) | (iv) | (iii) | (i) |
| (3) | (ii) | (iii) | (iv) | (i) |
| (4) | (i) | (iii) | (ii) | (iv) |

68. **‘କ’** ସ୍ତମ୍ଭର ଉପନ୍ୟାସଗୁଡ଼ିକ ସହିତ **‘ଖ’** ସ୍ତମ୍ଭସ୍ଥ ସେଗୁଡ଼ିକରେ ବର୍ଣ୍ଣିତ ଉପଯୁକ୍ତ ପ୍ରାଣୀ ଚରିତ୍ରମାନଙ୍କର ସଂପର୍କ ସ୍ଥାପନ କର ।

| **‘କ’ ସ୍ତମ୍ଭ** | | **‘ଖ’ ସ୍ତମ୍ଭ** | |
|---|---|---|---|
| (a) | କଣ୍ଢେଇ | (i) | କୁକୁର |
| (b) | ପିପି | (ii) | ଗାଈ |
| (c) | ଜୁଲି | (iii) | ଠେକୁଆ |
| (d) | ଛମାଣ ଆଠଗୁଣ୍ଠ | (iv) | ବିଲେଇ |

**ସୂତ୍ର (code) :**

| | **(a)** | **(b)** | **(c)** | **(d)** |
|---|---|---|---|---|
| (1) | (ii) | (iii) | (i) | (iv) |
| (2) | (iii) | (iv) | (ii) | (i) |
| (3) | (iv) | (iii) | (i) | (ii) |
| (4) | (iv) | (iii) | (ii) | (i) |

69. **ସ୍ଥାପନା (Assertion) :** ଜୀବନଠାରୁ ଅଧିକପ୍ରିୟ ମଣିଷର କିଛି ନାହିଁ। ତେଣୁ ଜୀବନହାନିର ସମ୍ଭାବନା ଦେଖିଲେ ସେ ବ୍ୟତିବ୍ୟସ୍ତ ହେବା ସ୍ୱଭାବିକ ।

**ଯୁକ୍ତି (Reason) :** ପ୍ରିୟତମ ବସ୍ତୁର ମୋହ ମଣିଷକୁ ସବୁବେଳେ ବଞ୍ଚାଇ ରଖିଥାଏ । ସେହି ଆକର୍ଷଣ ନରହିବାର ଭାବନା ତାକୁ ଆଂଶକିତ କରିଥାଏ ।

**ସୂତ୍ର (code) :**

(1) **(A)** ଓ **(R)** ଉଭୟ ଭୁଲ୍

(2) **(A)** ଭୁଲ୍ ଓ **(R)** ଠିକ୍

(3) **(A)** ଠିକ୍ ଓ **(R)** ଭୁଲ୍

(4) **(A)** ଓ **(R)** ଉଭୟ ଠିକ୍

70. **ସ୍ଥାପନା (Assertion) :** ହସ ମଣିଷକୁ ଉଡ଼ାଏ, କାନ୍ଦ ବୁଡ଼ାଏ । ହସ ହାଲୁକା, କାନ୍ଦ ଭାରି ।

**ଯୁକ୍ତି (Reason) :** ଶୋକ ଜୀବନର ପ୍ରକୃତ ପରିଚୟ ଦିଏ ।

**ସୂତ୍ର (code) :**

(1) **(A)** ଭୁଲ୍ ଓ **(R)** ଠିକ୍

(2) **(A)** ଓ **(R)** ଉଭୟ ଭୁଲ୍

(3) **(A)** ଓ **(R)** ଉଭୟ ଠିକ୍

(4) **(A)** ଠିକ୍ ଓ **(R)** ଭୁଲ୍

71. **ସ୍ଥାପନା (Assertion) :** ଭାଷାର କ୍ଷେତ୍ର ଅପେକ୍ଷାକୃତ ବଡ଼ ଓ ଉପଭାଷାର କ୍ଷେତ୍ର ଅପେକ୍ଷାକୃତ ଛୋଟ ।

**ଯୁକ୍ତି (Reason) :** ଉପରୋକ୍ତ ମନ୍ତବ୍ୟରେ ବିଶ୍ୱାସ କରୁନଥିବା ଲୋକଙ୍କ ସଂଖ୍ୟା ଅଧିକ ।

**ସୂତ୍ର (code) :**

(1) **(A)** ଓ **(R)** ଉଭୟ ଠିକ୍

(2) **(A)** ଓ **(R)** ଉଭୟ ଭୁଲ୍

(3) **(A)** ଭୁଲ୍ ଓ **(R)** ଠିକ୍

(4) **(A)** ଠିକ୍ ଓ **(R)** ଭୁଲ୍

72. **ସ୍ଥାପନା (Assertion) :** ନାରୀ ଆତ୍ମାର ବହିରାବଣ- ତା'ର ଦେହ ପୁରୁଷର ଇନ୍ଦ୍ରିୟଗ୍ରାହ୍ୟ ବୋଲି, ତାହାରି ଜୟଗାନ ଆଜିକା ଦୁନିଆଁର ଶିଳ୍ପ, କଳା, କାବ୍ୟ, ସଙ୍ଗୀତ, ସାହିତ୍ୟର ବିଶିଷ୍ଟ ଉପଜୀବ୍ୟ ହୋଇଛି ।

**ଯୁକ୍ତି (Reason) :** ଇନ୍ଦ୍ରିୟଗ୍ରାହ୍ୟ ଉପାଦାନର ଜୟଗାନ ସର୍ବତ୍ର କରାଯାଇଥାଏ ।

**ସୂତ୍ର (code) :**

(1) **(A)** ଓ **(R)** ଉଭୟ ଠିକ୍

(2) **(A)** ଭୁଲ୍ ଓ **(R)** ଠିକ୍

(3) **(A)** ଓ **(R)** ଉଭୟ ଭୁଲ୍

(4) **(A)** ଠିକ୍ ଓ **(R)** ଭୁଲ୍

ନିମ୍ନ ଅନୁଚ୍ଛେଦଟି ପଢ଼ି ପରବର୍ତ୍ତୀ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

ସଂସ୍କାର ସମୟରେ ସମାଜର ଅବସ୍ଥା ପ୍ରତି ଦୃଷ୍ଟି ରଖିବାକୁ ହେବ ଏବଂ ତାହା ପ୍ରସ୍ତାବିତ ସଂସ୍କାରର ଉପଯୋଗୀ କି ନା, ତାହା ସ୍ଥିର କରି ତଦନୁସାରେ କାର୍ଯ୍ୟ କରିବାକୁ ହେବ । ମାତ୍ର ଯଦି ସମାଜର ଅବସ୍ଥା ସଂସ୍କାରୋପଯୋଗୀ ହୋଇନାହିଁ, ତାହେଲେ କଣ କରିବାକୁ ହେବ ? ପୂର୍ବେ କହିଅଛୁ ଯେ, ସମାଜ ସଂସ୍କାରଟି ଗ୍ରହଣ କରିବାକୁ ସମର୍ଥ ହେବା ପର୍ଯ୍ୟନ୍ତ ତାହା ସ୍ଥଗିତ ରଖିବାକୁ ହେବ । ମାତ୍ର ସମାଜ କିପରି ଉକ୍ତ କାର୍ଯ୍ୟ ସକାଶେ ସମର୍ଥ ହେବ, ସେଥିପ୍ରତି ବିଶେଷ ମନଯୋଗ ଦେବା ଆବଶ୍ୟକ । ତେଣୁ ଗୋଟିଏ ଗୋଟିଏ ସଂସ୍କାର ଆଣିବାକୁ ହେଲେ ସଂସ୍କାରକ ସର୍ବପ୍ରଥମେ ସମାଜକୁ ନୂତନ ଆଦର୍ଶ ଦିଗରେ କ୍ରମଶଃ ନେଇ ଆସିବେ ଏବଂ ଯେତେବେଳେ ଦେଖିବେ ଯେ ସମାଜସ୍ଥ ବ୍ୟକ୍ତିମାନେ ଅଭିଷ୍ଟ ସଂସ୍କାରର ମହତ୍ତ୍ୱ ଓ ଉପାଦେୟତା ସମ୍ୟକ୍ ହୃଦୟଙ୍ଗମ କରିଅଛନ୍ତି, ସେତେବେଳେ ଯାଇ ସେହି ସଂସ୍କାରଟିକୁ କାର୍ଯ୍ୟରେ ପରିଣତ କରିବେ ।

**73.** ସଂସ୍କାର ସମୟରେ କାହାପ୍ରତି ଦୃଷ୍ଟି ରଖାଯାଏ ?

(1) ଜନସାଧାରଣଙ୍କ ଅବସ୍ଥା
(2) ପ୍ରାଚୀନ ପ୍ରଥା ଓ ପରମ୍ପରା
(3) ସାମାଜିକ - ଆର୍ଥିକ ସ୍ଥିତି
(4) ସାମାଜିକ ଅବସ୍ଥା

**74.** ସମାଜ ସଂସ୍କାରକୁ ସ୍ଥଗିତ ରଖିବାର ପରାମର୍ଶ କାହିଁକି ଦିଆଯାଇଛି ?

(1) ସଂସ୍କାରର ଗ୍ରହଣ-ଯୋଗ୍ୟତା ନଥିବାରୁ
(2) ସାମାଜିକ ଜୀବନରେ ସଂସ୍କାରର ଆବଶ୍ୟକତା ନଥିବାରୁ
(3) ଜନସାଧାରଣଙ୍କ ମାନସିକତା ନଥିବାରୁ
(4) ସଂସ୍କାର ପରମ୍ପରା ବିରୋଧୀ ହୋଇଥିବାରୁ

**75.** ସମାଜରେ ସଂସ୍କାର ଆନୟନର ପ୍ରକୃଷ୍ଟ ସ୍ଥିତି କେତେବେଳେ ଆସିବ ?

(1) ଜନସାଧାରଣଙ୍କ ଆଗ୍ରହ ଥିଲେ
(2) ସମ୍ଭ୍ରାନ୍ତଶ୍ରେଣୀ ଇଚ୍ଛା କରିଲେ
(3) ସଂସ୍କାରର ଉପାଦେୟତା ସାମାଜିକମାନେ ଅନୁଭବ କଲେ
(4) ଅନୁକୂଳ ସମୟ ହେଲେ

- o 0 o -

**Space For Rough Work**